## ହେଲ୍‌ମେଟ୍ ବ୍ୟବହାର କରିବାକୁ ସଚେତନତା

ନୟାଗଡ଼ ଅଫିସ:ନୟାଗଡ଼ ଗ୍ରାମୀଣ ଆଇନ୍ ସହାୟତା କର୍ମୀ ସମୂହଙ୍କ ତରଫରୁ ବୁଧବାର ହେଲ୍‌ମେଟ୍ ସଚେତନତା କାର୍ଯ୍ୟକ୍ରମ ଜିଲା ଜଜ୍‌କୋର୍ଟ ସମ୍ମୁଖ ନୟାଗଡ଼-ଖଣ୍ଡପଡ଼ା ରାସ୍ତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲା ଦୌରାଜଜ୍ ତଥା ଜିଲା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷା ରୂପଶ୍ରୀ ଚୌଧୁରୀ ଉଦ୍‌ଘାଟନ କରିଥିଲେ । ଅତିରିକ୍ତ ଜିଲା ଦୌରାଜଜ୍ ଇତିଶ୍ରୀ ମହାପାତ୍ର, ଆଇନ୍‌ସେବା ପ୍ରାଧିକରଣ ସଚିବ ରଞ୍ଜୁଲତା ଲେଙ୍କା, ରେଜିଷ୍ଟର ଚିତ୍ତରଞ୍ଜନ ମିଶ୍ର, କୋର୍ଟ ମ୍ୟାନେଜର ସଂଗ୍ରାମ କେଶରୀ ଜେନା ପ୍ରମୁଖ ଯୋଗଦେଇଥିଲେ।

## ଆଜି କ'ଣ କେଉଁଠି

**ନୟାଗଡ଼**

- ରାଜ୍ୟସ୍ତରୀୟ ନାଟ୍ୟମେଳାର ୪ର୍ଥ ଦିବସରେ ନାଟକ 'ସୁଭଦ୍ରାର ସ୍ୱପ୍ନ' ସ୍ଥାନ- ପଠାଣି ସାମନ୍ତ ଅଡିଟୋରିୟମ, ସମୟ- ସନ୍ଧ୍ୟା ୭ଟା ।

**କେନ୍ଦ୍ରାପଡ଼ା**

- କେନ୍ଦ୍ରାପଡ଼ା ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଗଣଧାରଣା, ଜିଲାପାଳ ଅଫିସ ସମ୍ମୁଖ, କେନ୍ଦ୍ରାପଡା, ପୂର୍ବାହ୍ନ ୧୦ଟା ।

## ସଂକ୍ଷେପରେ

### ଟ୍ରକ ଧକ୍କାରେ ଯୁବକଙ୍କ ମୃତ୍ୟୁ, ରାସ୍ତାରୋକୋ

ଏରସମା,୩।୩(ସ୍ୱ.ପ୍ର.): ଏରସମା ଥାନା ଜପା ପଞ୍ଚାୟତ ଦେଇକା ଛକରେ ବୁଧବାର ସକାଳେ ଟ୍ରକ ଧକ୍କାରେ ବାଇକ୍‌ରେ ବସିଥିବା ଯୁବକ ମୃତ୍ୟୁ ଘଟିଥିବା ବେଳେ ଚାଳକ ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଦେଇକା ଗାଁର ବିଜ୍ଞାନ ସ୍ୱାଇଁଙ୍କର ବୁଧବାର ବାହାଘର ହୋଇଥାନ୍ତା। ବିଜ୍ଞାନ ଜିନିଷପତ୍ର କିଣିବା ପାଇଁ ସକାଳ ୬ ଟାରେ ବଡଭାଇ ଚନେଶ୍ୱରଙ୍କୁ ବାଇକ୍‌ରେ ବସାଇ ଏରସମା ଯାଉଥିଲେ। ଏରସମାରୁ ଆସୁଥିବା ଏକ ଇଟା ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେବାରୁ ବାଇକ୍ ସହ ୨ ଜଣ ଛିଟିକି ପଡିଥିଲେ। ଲୋକେ ଆହତ ଦୁଇଭାଇଙ୍କୁ ଚିକିତ୍ସା ପାଇଁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ବଡଭାଇ ଚନେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ବିଜ୍ଞାନ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। କ୍ଷତିପୂରଣ ଦାବିରେ ପ୍ରସନ୍ନ ସ୍ୱାଇଁ, ସୁମନ୍ତ ସ୍ୱାଇଁ, ମଲ୍ଲୀ ଭୋଳ, ଖୁଲଣା ସ୍ୱାଇଁ ପ୍ରମୁଖ ଶତାଧିକ ଗ୍ରାମବାସୀ ଏରସମା-କୁଜଙ୍ଗ ରାସ୍ତା ଅବରୋଧ କରିଥିଲେ। ଏରସମା ତହସିଲଦାର ଚିତ୍ତରଞ୍ଜନ ମହାନ୍ତ, ଆଇଆଇସି ପ୍ରଶାନ୍ତ କୁମାର ମାଝି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତହସିଲଦାର ମହାନ୍ତ ରେଡକ୍ରସ ପକ୍ଷରୁ ୧୦ହଜାର ଓ ଦୁର୍ଘଟଣା ଘଟାଇ ଥିବା ଟ୍ରକ ମାଲିକ ୧ ଲକ୍ଷ ୨୦ ହଜାର ଟଙ୍କା ଦେବା ପରେ ରାସ୍ତାରୋକୋ ହଟି ଥିଲା। ଥାନାରେ ନଂ. ୪୮/୨୧ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ମାଝିଙ୍କଠାରୁ ଜଣାପଡିଛି।

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଯୁବକ ଗିରଫ

ଧର୍ମଶାଳା,୩।୩(ଡି.ଏନ.ଏ.): ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ଓ ପରବର୍ତ୍ତୀ ସମୟରେ ବିବାହ କରିବାକୁ ମନା କରିବା ଅଭିଯୋଗରେ ଧର୍ମଶାଳା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଚୋରମୁହାଁ ଗ୍ରାମର କୃଷ୍ଣଚନ୍ଦ୍ର ପାଢ଼ୀ(୨୩)। କୃଷ୍ଣଚନ୍ଦ୍ର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଗତ ୨ ତାରିଖରେ ଯୁବତୀ ଜଣକ ବିବାହ କରିବାକୁ କହିବାରୁ କୃଷ୍ଣଚନ୍ଦ୍ର ମନା କରି ଦେଇଥିଲେ। ଏନେଇ ବୁଧବାର ଯୁବତୀ ଜଣକ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର ଡାକ୍ତରୀ ମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

### ଟାଟାଙ୍କ ଜନ୍ମବାର୍ଷିକୀ ପାଳିତ

କଳିଙ୍ଗନଗର,୩।୩(ଡି.ଏନ.ଏ.): କଳିଙ୍ଗନଗରସ୍ଥିତ ଟାଟାଷ୍ଟିଲ ପକ୍ଷରୁ ବୁଧବାର ଏହାର ପ୍ରତିଷ୍ଠାତା ଜାମସେଟ୍‌ଜୀ ନସେରୱନ୍‌ଜୀ ଟାଟାଙ୍କ ୧୮୨ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। କୋଭିଡ୍-୧୯ ଅନୁସାରେ ସୀମିତ ସଂଖ୍ୟକ କର୍ମଚାରୀଙ୍କ ଦ୍ୱାରା ମାର୍ଚ୍ଚ ପାଷ୍ଟ ସହିତ ଦିନର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଟାଟାଷ୍ଟିଲ କଳିଙ୍ଗନଗର କର୍ପୋରେଟ୍‌ସର୍ଭିସେସ୍ ବିଭାଗ ମହାପ୍ରବନ୍ଧକ ଆର୍‌ଆର୍ ଶତପଥୀ ମାର୍ଚ୍ଚ ପାଷ୍ଟର ଶୁଭାରମ୍ଭ କରିଥିଲେ। ଏହା ପ୍ରକଳ୍ପ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଟିଏସ୍‌କେ କେନ୍ଦ୍ରରେ ସମାପ୍ତ ହୋଇଥିଲା। ୧୮୭୦ରେ ଏକ କପଡ଼ା ମିଲ୍ ସହିତ ଜେଏନ୍‌ଟାଟା ତାଙ୍କର ଔଦ୍ୟୋଗିକ ଯାତ୍ରା ଆରମ୍ଭ କରିଥିଲେ। ତାଙ୍କର ଦୂରଦୃଷ୍ଟି ଭାରତର ଇସ୍ପାତ ଓ ଶକ୍ତିଶିଳ୍ପକୁ ଅନୁପ୍ରେରିତ କରିଥିବାବେଳେ ବୈଷୟିକ ଶିକ୍ଷାର ମୂଳଦୁଆ ସ୍ଥାପନ କରିବା ସହିତ ଦେଶକୁ ଔଦ୍ୟୋଗିକ ଦେଶମାନଙ୍କ ଶ୍ରେଣୀରେ ସାମିଲ ହେବାରେ ସହାୟକ ହୋଇଥିଲା। ପ୍ରତିବର୍ଷ ମାର୍ଚ୍ଚ ୩ରେ ଟାଟାଷ୍ଟିଲ ସହିତ ଅନ୍ୟ ଗ୍ରୁପ୍ କମ୍ପାନୀମାନେ ତାଙ୍କ ଦୂରଦୃଷ୍ଟି, ଗୋଷ୍ଠୀ କଲ୍ୟାଣକୁ ପ୍ରାଧାନ୍ୟ ଦେଇ ଏକ ଔଦ୍ୟୋଗିକ ଭବିଷ୍ୟତ ନିର୍ମାଣକୁ ଧ୍ୟାନରେ ରଖି ପ୍ରତିଷ୍ଠାତାଙ୍କ ଜନ୍ମବାର୍ଷିକୀ ପାଳନ କରିଥାନ୍ତି।

# ଟାର୍ଗେଟ୍ ନାହିଁ, ଖୋଲୁନି ମଣ୍ଡି

- ଧାନ ବିକିବାକୁ ୧୫ ଦିନ ଅପେକ୍ଷା
- ଧାରଣାରେ ବସିଛନ୍ତି ଚାଷୀ

**ନୟାଗଡ଼ ଅଫିସ,୩।୩**


ଚାଷୀମାନେ ଧାରଣାରେ ବସିଛନ୍ତି ।

ଧାନ ବିକ୍ରି କରିବାକୁ ଓଡ଼ଗାଁ ବ୍ଲକ ପଞ୍ଚରିଡା ମାନପୁର ପ୍ରାଥମିକ କୃଷି ସମବାୟ ସମିତିରେ ଖୋଲିଥିବା ମଣ୍ଡିରେ ଚାଷୀମାନେ ଗତ ୧୭ ତାରିଖରୁ ଅପେକ୍ଷା କରି ବସି ରହିଛନ୍ତି। ସେପଟେ ଟାର୍ଗେଟ ନାହିଁ କହି ମିଲର ଓ ସମିତି ସମ୍ପାଦକ ଚୁପ୍ ବସିବା ପରେ ଚାଷୀ ଉତ୍ତେଜିତ ହୋଇ ପ୍ୟାକ୍ସ ଫାଟକରେ ତାଲା ପକାଇ ଦେଇଛନ୍ତି। ଚାଷୀମାନେ ସେଠାରେ ଧାରଣାରେ ବସିଛନ୍ତି। ପ୍ରାୟ ୪୦ ଜଣ ଚାଷୀଙ୍କ ୨ ହଜାର କୁଇଣ୍ଟାଲ ଧାନ ପ୍ୟାକ୍ସ ଆଗରେ ଗଦା କରି ରଖାଯାଇଛି। ଏଭଳିସ୍ଥଳେ ବୁଧବାର ନୟାଗଡ଼ ଜିଲା କଂଗ୍ରେସ ଓ ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ଚାଷୀଙ୍କ ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ଚାଷୀମାନଙ୍କ ଧାନ ଯେପରି ତୁରନ୍ତ କିଣାଯିବ ସେନେଇ ବ୍ୟବସ୍ଥା କରିବାକୁ ଜିଲା ପ୍ରଶାସନ ଉପରେ ସେମାନେ ଚାପ ପକାଇବା ଆରମ୍ଭ କରିଛନ୍ତି। ଆନ୍ଦୋଳନରତ ଚାଷୀ ସନ୍ତୋଷ ସାହୁ, ବ୍ରଜବନ୍ଧୁ ମହାନ୍ତି, ସନ୍ଧ୍ୟାରାଣୀ ମହାନ୍ତି କୁହନ୍ତି, ଆମ ପ୍ୟାକ୍ସରେ ୧୮ ହଜାର କୁଇଣ୍ଟାଲ ଧାନ କିଣାଯିବ ବୋଲି ସ୍ଥାନୀୟ ସମ୍ପାଦକ ସରକାରଙ୍କୁ ଅବଗତ କରାଇଥିଲେ। ସରକାର ୧୨ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ଦେଇଥିଲେ। ଚାଷୀଙ୍କ ପାଖରେ ଧାନ ଗଦା ହୋଇ ରହିଛି। ୧୨ ହଜାର କୁଇଣ୍ଟାଲ ଧାନ କିଣି ଟାର୍ଗେଟ ଶେଷ ହୋଇ ଗଲା ବୋଲି କୁହାଯାଇଛି। ପ୍ୟାକ୍ସ ପକ୍ଷରୁ ଆଉ ଧାନ କିଣାଯାଉ ନାହିଁ। ଏଭଳିସ୍ଥଳେ ଆମେ ପ୍ରାୟ ୨ ହଜାର କୁଇଣ୍ଟାଲ ଧାନ ପ୍ୟାକ୍ସ ସମ୍ମୁଖରେ ଗଦେଇ ରଖିଛୁ। ଦେଖାଯାଉ ଆମକୁ କେତେଦିନ ଅପେକ୍ଷା କରିବାକୁ ପଡୁଛି। ଧାନ ବିକ୍ରିକରିବା ପାଇଁ ଆମକୁ ୧୫ ଦିନ ହେଲା ଧାନର ଦୁଇ ଗୁଣା ଟଙ୍କା ଖର୍ଚ୍ଚ କରିବାକୁ ପଡିଲାଣି ବୋଲି ସେ କହିଛନ୍ତି।

ଏନେଇ କଂଗ୍ରେସ ଜିଲା ସଭାପତି ରଣଜିତ୍ ଦାଶ କହିଛନ୍ତି, ବୁଧବାର ପଞ୍ଚରିଡା ମାନପୁର ପ୍ରାଥମିକ କୃଷି ସମବାୟ ସମିତିକୁ ଆମର ଏକ ପ୍ରତିନିଧି ଦଳ ଯାଇ ଚାଷୀଙ୍କ ସହ ଆଲୋଚନା କରି ଫେରିଛନ୍ତି। ମୋ ସହିତ ପୂର୍ଣ୍ଣଚନ୍ଦ୍ର ନାୟକ, ବସନ୍ତ କର, ଲକ୍ଷ୍ମଣ ଜେନା, ଯୁବ କଂଗ୍ରେସ ସଭାପତି ପ୍ରତୀକ ମହାପାତ୍ର ସାମିଲ ଥିଲେ। ଚାଷୀ ଧାନ ଧରି ପ୍ୟାକ୍ସ ସମ୍ମୁଖରେ ବସିଥିବାବେଳେ ଧାନ ବ୍ୟବସାୟୀ ମିଲର ଓ ସମ୍ପାଦକଙ୍କୁ ଧରି ନକଲି ଚାଷୀଙ୍କ ସହଯୋଗରେ ଧାନ ବିକ୍ରି କରିଛନ୍ତି। ପ୍ରକୃତ ଚାଷୀ ଧାନ ବିକ୍ରି କରିବାକୁ ଆସିଲା ବେଳେ ଟାର୍ଗେଟ ନାହିଁ କୁହାଯାଉଛି। ଧାନ କିଣା ଦୁର୍ନୀତିରେ ତଦନ୍ତ କରାଗଲେ ବହୁ ଘୋଟଲା ପଦାକୁ ଆସନ୍ତା ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଜିଲା ଯୋଗାଣ ବିଭାଗ ତୁରନ୍ତ ଧାନ କିଣିବା ବ୍ୟବସ୍ଥା ନ କଲେ କଂଗ୍ରେସ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ୨ଲକ୍ଷ ୨୦ ହଜାର କୁଇଣ୍ଟାଲ ଅଧିକ ଟାର୍ଗେଟ ଦେବା ପାଇଁ ମଙ୍ଗଳବାର ସରକାରଙ୍କୁ ଭିଡିଓ କନଫରେନ୍ସରେ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକ କୁହନ୍ତି, ୨ଲକ୍ଷ ୨୦ ହଜାର କୁଇଣ୍ଟାଲ ଅଧିକ ଟାର୍ଗେଟ ବଢ଼ାଇବା ପାଇଁ ମଙ୍ଗଳବାର ସରକାରଙ୍କୁ ଭିଡିଓ କନ୍‌ଫରେନ୍ସରେ ଅବଗତ କରାଯାଇଛି। ନୂଆ ଟାର୍ଗେଟ ଆସିଲେ ଧାନ କିଣାଯିବ ।

## ନୀଳାଚଳ କାରଖାନା ପରିସରରେ ୧୪୪ ଧାରା


 କାରଖାନା ଫାଟକ ଆଗରେ ଠିକା କର୍ମଚାରୀ ଧାରଣା ଦେଇଛନ୍ତି।

**କଳିଙ୍ଗନଗର,୩।୩(ଡି.ଏନ.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳର ନୀଳାଚଳ ଇସ୍ପାତ କାରଖାନା ପରିସରରେ ଠିକା କର୍ମଚାରୀଙ୍କ ଆନ୍ଦୋଳନକୁ ଆଖି ଆଗରେ ରଖି ବୁଧବାର ୧୪୪ ଧାରା ଜାରି କରାଯାଇଛି। ଯଦ୍ୱାରା ଏହା ପରିସରରେ କୌଣସି ଆନ୍ଦୋଳନ କରାଯିବ ନାହିଁ ବୋଲି କୁହାଯାଇଛି। କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀ, ଦାନଗଦୀ ଅତିରିକ୍ତ ତହସିଲଦାର ନାରାୟଣ ଦିକ୍ଷିତ ଓ କଳିଙ୍ଗନଗର ଥାନା ଅଧିକାରୀ ସୁଶାନ୍ତ କୁମାର ଦାଶ ପହଞ୍ଚି ଏହି ଧାରା ଜାରି କରିଛନ୍ତି। ଅନ୍ୟପକ୍ଷରେ ୧୭ ବର୍ଷରୁ ଉର୍ଦ୍ଧ୍ୱ ହେବ କାର୍ଯ୍ୟ କରୁଥିବା ଠିକା ଶ୍ରମିକଙ୍କ ଦୁଃଖ କେହି ବୁଝୁନାହାନ୍ତି ବୋଲି କଳିଙ୍ଗନଗର ମଜଦୁର ୟୁନିୟନ ଆଉଟସୋର୍ସିଂର କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ସାହୁ କହିଛନ୍ତି। ତାଙ୍କ କହିବା ଅନୁସାରେ, କାରଖାନାର ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଠିକା ଶ୍ରମିକ କାର୍ଯ୍ୟ କରୁଥିବାବେଳେ ଗତ ମାର୍ଚ୍ଚରୁ ସେମାନଙ୍କୁ ଦରମା ମିଳିନାହିଁ। ଏନେଇ ୨୩।୦୨।୨୧ରେ ପରିଚାଳନା କମିଟିକୁ ଏକ ପତ୍ର ଦିଆଯାଇଥିଲା। ଯେଉଁଥିରେ ଦରମା ପ୍ରଦାନ କରିବାକୁ ୭ ଦିନ ସମୟ ଦିଆଯାଇଥିଲା। ହେଲେ ଏହାର କୌଣସି ନିଷ୍କର୍ଷ ବାହାରି ନ ପାରିବାରୁ ବୁଧବାର ସମସ୍ତ ଠିକା କର୍ମଚାରୀ ଆନ୍ଦୋଳନରେ ବସିଥିଲେ। ତେବେ ଗୁରୁବାର ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସମ୍ପାଦକ ବିଭୁତିଭୂଷଣ ଜେନା, ରାଜେନ୍ଦ୍ର ସାହୁ, ଭଜମୋହନ ବେହେରା ଓ ସତ୍ୟରଞ୍ଜନ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ନିଖୋଜ ରଶ୍ମିରଞ୍ଜନଙ୍କ ପତ୍ତା ମିଳିଲା

**ଭଉଣୀଙ୍କୁ ମେସେଜ ଦେଇ ନିଖୋଜ ଥିଲେ**

**ରାଜନଗର,୩।୩(ଡି.ଏନ.ଏ.)**

ଗତ ୫ଦିନ ତଳେ ଭଉଣୀଙ୍କୁ ମେସେଜ୍ ଦେବା ସହ ନଦୀକୂଳରେ ଗାଡ଼ି ଫିଙ୍ଗିଦେଇ ନିଖୋଜ ହୋଇଯାଇଥିବା ରଶ୍ମୀରଞ୍ଜନ ବିଶ୍ୱାଳଙ୍କୁ ଭୁବନେଶ୍ୱରରୁ ପରିବାର ଲୋକେ ଉଦ୍ଧାର କରିଛନ୍ତି। ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ଥାନା ପାଳସିଂହାଗାଁର ରଶ୍ମୀରଞ୍ଜନ(୨୧) ଘଟଣା ଦିନ ବିଳମ୍ବିତ ରାତିରେ ନିଜ ଭଉଣୀ ପାଖକୁ ଏକ ମେସେଜ୍ ପଠାଇଥିଲେ। ସେଥିରେ ସେ ବାପା, ମାଆ, ଭାଇଙ୍କୁ ବୁଝାଇ ଦେବୁ। ମୁଁ ଆସୁଛି। ମୁଁ ଚାହେଁ, ତୁମେମାନେ ଭଲରେ ଓ ଖୁସିରେ ରୁହ... ଆଦି ଲେଖିଥିଲେ। ଏହି ମେସେଜ୍ ପାଇବା ପରେ ତାଙ୍କ ବଡଭାଇ କମଳାକାନ୍ତ ସାନଭାଇ ନିଖୋଜ ଥିବାନେଇ୨୭ ତାରିଖରେ ତାଳଚୁଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରଶ୍ମୀରଞ୍ଜନ ପ୍ରେମିକା ପାଖକୁ ଲେଖିଥିବା ଚିଠି ପୋଲିସ ଜବତ କରିବା ପରେ ଏହି ଘଟଣା ଭିନ୍ନ ମୋଡ ନେଇଥିଲା। ବୁଧବାର ସକାଳେ ରଶ୍ମୀରଞ୍ଜନ ଭଉଣୀଙ୍କୁ ଫୋନ କରି ମୁଁ ଭୁବନେଶ୍ୱରର ବାଣୀବିହାରରେ ଅଛି ବୋଲି ସୂଚନା ଦେଇଥିଲେ। ପରିବାର ଲୋକେ ଭୁବନେଶ୍ୱରରେ ପହଁଚି ରଶ୍ମୀଙ୍କୁ ଘରକୁ ଫେରାଇ ଆଣିଛନ୍ତି।

## ପିହୁ ସମ୍ପର୍କୀୟଙ୍କୁ ପୋଲିସର ଜେରା

**ବିଞ୍ଝାରପୁର, ୩।୩ (ଡି.ଏନ.ଏ.)**

ବିଞ୍ଝାରପୁର ଥାନା ମଧୁସୂଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମର ଅଢ଼େଇ ବର୍ଷର ନିଖୋଜ ଶିଶୁକନ୍ୟା ପିହଙ୍କୁ ଖୋଜିବା ପାଇଁ ପୋଲିସ ଏବେ ତାଙ୍କ ସମ୍ପର୍କୀୟଙ୍କୁ ଟାର୍ଗେଟ୍ କରିଛି। ମଙ୍ଗଳବାର ଅପରାହ୍ନରେ ରଣପୁର ଅଞ୍ଚଳରୁ ପିହୁଙ୍କ ମା'ମୋନାଲିସା ନାୟକଙ୍କ ମଉସା ଓ ତାଙ୍କ ପୁଅକୁ ବିଞ୍ଝାରପୁର ପୋଲିସ ଉଠାଇ ଆଣି ଥାନାରେ ଅଟକ ରଖି ମାରାଥନ ଜେରା କରିବାପରେ ବିଳମ୍ବିତ ରାତିରେ ମଉସାଙ୍କ ପୁଅଙ୍କୁ ଛାଡ଼ିଦେଇଛି। ହେଲେ ମୋନାଲିସାଙ୍କ ମଉସାକୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ବୁଧବାର ମୋନାଲିସା, ତାଙ୍କ ମା' କବିତା ନାୟକ, ମାଉସୀ ଅମ୍ବିକା ଜେନା, ମାଉସୀଙ୍କ ପୁଅ ସୁନୀଲ ଜେନାଙ୍କ ସମେତ ବହୁ ଗ୍ରାମବାସୀ ଥାନାରେ ପହଞ୍ଚି ମୋନାଲିସାଙ୍କ ମଉସାଙ୍କୁ ଛାଡ଼ଦେବା ପାଇଁ ପ୍ରୟାସ କରିବା ସହ ପୋଲିସର କାର୍ଯ୍ୟ ଶୈଳୀ ଉପରେ ପ୍ରଶ୍ନ ଉଠାଇଥିଲେ। ଏପରି କି ପୋଲିସ ମୋ ସମ୍ପର୍କୀୟଙ୍କୁ ହଇରାଣ କରୁଛି ବୋଲି ପିହୁ ମା'କହିଛନ୍ତି। ପୋଲିସ ମୋ ସମ୍ପର୍କୀୟଙ୍କୁ ପିହୁ ତୁମ ପାଖରେ ଅଛି ବୋଲି ମାନିଯାଅ, ନଚେତ୍ ତୁମକୁ ଛାଡ଼ିବି ନାହିଁ ବୋଲି ପୋଲିସ କହୁଥିବା ପିହୁ ମା' ଅଭିଯୋଗ କରିଛନ୍ତି। ଏପରି କି ପୋଲିସ ମୋ ସମ୍ପର୍କୀୟଙ୍କୁ ମାନସିକ ଯନ୍ତ୍ରଣା ଦେଉଛିବୋଲି ମୋନାଲିସା କହିଛନ୍ତି। ଏନେଇ ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ।

## ଆର୍‌ଆଇଙ୍କୁ ଆକ୍ରମଣ ଘଟଣା, ସୁବାସଙ୍କୁ ମିଳିଲା ଜାମିନ

**ବାଲିକୁଦା,୩।୩(ସ୍ୱ.ପ୍ର.)**

ବାଲିକୁଦା ତହସିଲରେ କାର୍ଯ୍ୟରତ ଆରଆଇ ସୁଶାନ୍ତ ସ୍ୱାଇଁଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ସୁବାସ ନାୟକଙ୍କୁ ଗୋଟିଏ ଦିନ ଜେଲ ଭୋଗିବା ପରେ ବୁଧବାର ଜାମିନ ମିଳିଛି। ୫୦ ହଜାର ଟଙ୍କା ବେଲ୍ ବଣ୍ଡରେ ଜିଲା ଜଜ୍ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ନହରଣା ହାଟ ଓ ନହରଣା ଅଞ୍ଚଳରେ ହୋଇଥିବା ଜବରଦଖଲ ସମ୍ପର୍କରେ ଅଭିଯୋଗ ପାଇ ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁଙ୍କ ସହ ଆରଆଇ ସୁଶାନ୍ତ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସୁବାସ ସେଠାରେ ପହଞ୍ଚି ଆରଆଇ ସ୍ୱାଇଁଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ମାଡ ମାରିଥିଲେ। ଏ ନେଇ ଆରଆଇ ସ୍ୱାଇଁ ଥାନାରେ ଅଭିଯୋଗ କରିଥିଲେ।

## ୫ମ ଦିନରେ ଚାଷୀଙ୍କ ଧାରଣା

**ନାଉଗାଁ,୩।୩(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ତିରୁଣା ସମବାୟ ସମିତିରେ ମଣ୍ଡିରେ ଧାନ ଦେବାକୁ ଚାଷୀମାନେ ଇ-ରେଜିଷ୍ଟ୍ରେଶନ ମାଧ୍ୟମରେ ନାମ ପଞ୍ଜୀକୃତ କରିଥିଲେ। କିନ୍ତୁ ଅନେକ ଚାଷୀଙ୍କର ଟୋକନ ଆସିଥିବା ବେଳେ ଅଧିକାଂଶ ଚାଷୀଙ୍କ ଏ ପର୍ଯ୍ୟନ୍ତ ଅନ୍‌ଲାଇନ ଟୋକନ ଆସିନାହିଁ। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ମଣ୍ଡିରେ ଧାନ ବିକ୍ରି କରି ପାରୁ ନ ଥିବାରୁ ଶତାଧିକ ଚାଷୀ ୫ଦିନ ହେବ ତିରୁଣା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ଜିଲା ଯୋଗାଣ ଅଧିକାରୀ କହିଛନ୍ତି ସମସ୍ତ ଧାନ କିପରି କିଣାଯିବ ସେ ବିଷୟରେ ପଦକ୍ଷେପ ନିଆଯିବ।

## ମାଠିଆ ଧରି ବ୍ଲକ, ଥାନା ଆଗରେ ବିକ୍ଷୋଭ

**କୁଜଙ୍ଗ,୩।୩(ଡି.ଏନ.ଏ.)**



ମହିଳାମାନେ ମାଠିଆ ଧରି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କୁଜଙ୍ଗ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ନଇମୁହଁପଡ଼ାରେ ପାନୀୟଜଳ ପ୍ରକଳ୍ପ ଗୃହକୁ କେତେଜଣ ବ୍ୟକ୍ତି ତାଲା ପକାଇ ବନ୍ଦ ରଖିଛନ୍ତି। ଏହାର ପ୍ରତିବାଦରେ ନଇମୁହଁପଡାର ଶତାଧିକ ମହିଳା ବ୍ଲକ ଓ ଥାନା ସମ୍ମୁଖରେ ମାଠିଆ ଧରି ବୁଧବାର ପ୍ରତିବାଦ କରିଛନ୍ତି। ପୂର୍ବରୁ ଏ ନେଇ ମଧ୍ୟ ନଇମୁହଁପଡାର ମହିଳାମାନେ ଫେବୃୟାରୀ ୧୨ରେ କୁଜଙ୍ଗ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମାତ୍ର ସୁଫଳ ନ ମିଳିବାରୁ ପୁର୍ନବାର ସେହି ଗାଁର ମହିଳାମାନେ ମାଠିଆ ଧରି ବ୍ଲକ ଓ ଥାନାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗରାଜପୁର ଗାଁର ଜଳସ୍ତର ଲବଣାକ୍ତ, କ୍ଷାରି ଯୁକ୍ତ ହୋଇଥିବାରୁ ସରକାରୀ ଓ ବେସରକାରୀସ୍ତରରେ ଯେତେଥର ଗଭୀର ନଳକୂପ ଖୋଳାଯାଇଛି ତାହା ପାନୀୟ ଉପଯୋଗୀ ହୋଇପାରିନାହିଁ। ବିଶେଷକରି ନଇମୁହଁପଡାରେ ବସବାସ କରୁଥିବା ଲୋକେ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପାନୀୟଜଳ ସମସ୍ୟାର ସମ୍ମୁଖିନ ହୋଇ ଆସୁଛନ୍ତି। ମଙ୍ଗରାଜପୁର ଗାଁରେ ପାରାଦୀପ ଫସ୍‌ଫେଟସ ଲିମିଟେଡ(ପିପିଏଲ) ପୋଷ୍ୟ ଗ୍ରାମ୍ୟ ରୂପେ ଗ୍ରହଣ କରିବା ପରେ ବର୍ତ୍ତମାନର ସରପଞ୍ଚ ପୂର୍ଣ୍ଣିମା ତ୍ରିପାଠୀ ଉକ୍ତ ନଇମୁହଁପଡ଼ାରେ ଏକ ଆରୋପ୍ଲାଣ୍ଟ ବସାଇବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଏହି ପ୍ରସ୍ତାବକୁ ଗ୍ରହଣ କରି ପିପିଏଲ ସିଏସ୍‌ଆର ଫଣ୍ଡରୁ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରୋପ୍ଲାଣ୍ଟ ପ୍ରକଳ୍ପ ନିର୍ମାଣ କରିଛନ୍ତି। କେତେଜଣ ବ୍ୟକ୍ତି ଏଥିରେ ତାଲା ପକାଇ ବନ୍ଦ କରି ରଖିଛନ୍ତି। ବିଡିଓ ଅମିୟ କୁମାର ପଣ୍ଡା ପିପିଏଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଏହାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ପ୍ରତିବାଦରୁ ଓହରି ଯାଇଥିଲେ। ସେହିପରି ଥାନା ସମ୍ମୁଖରେ ମଧ୍ୟ ପ୍ରତୀକାତ୍ମକ ଭାବେ ମାଠିଆ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭରେ ଝରଣା ସ୍ୱାଇଁ, ଧରିତ୍ରୀ ତରାଇ, ପ୍ରମିଳା ମାଝି, ସୁମିତ୍ର ବେହେରା, ସରସ୍ୱତୀ ବେହେରା ଓ ପୂର୍ବତନ ସରପଞ୍ଚ ମିନିଲତା ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ୧୯ରେ ଚଣ୍ଡିଖୋଲରେ ମହାପଞ୍ଚାୟତ

**ଭୁବନେଶ୍ୱର,୩।୩(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ କୃଷି ଆଇନକୁ ବିରୋଧ କରି ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ମାର୍ଚ୍ଚ୧୯ ରେ ଚଣ୍ଡିଖୋଲଠାରେ ମହାପଞ୍ଚାୟତ ଆୟୋଜନ କରିବ। ସଂଯୁକ୍ତ କିଷାନ ମୋର୍ଚ୍ଚାର ଜାତୀୟ ନେତୃମଣ୍ଡଳୀ ଏଥିରେ ସାମିଲ ହେବେ। ଏହି ଆନ୍ଦୋଳନରେ ଜାତୀୟ ନେତା ରାକେଶ ଟିକାୟତ, ହରିୟାଣାର ଗୁରନାମ ସିଂ ଚଡୌନି, ପଞ୍ଜାବର ବଲବୀର ସିଂ ରାଓ୍ୱାଲା ପ୍ରମୁଖ ଯୋଗ ଦେବେ। ବୁଧବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନବ ନିର୍ମାଣ କୃଷକ ସଂଗଠନର ଆବାହକ ଅକ୍ଷୟ କୁମାର ଏହି ସୂଚନା ଦେଇଛନ୍ତି। ଏହି ସମାବେଶରେ ୩ କଳାକାନୁନ, ମଣ୍ଡି ଘରୋଇକରଣ, ଠିକା ଚାଷ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ୧୯୫୫ର ପ୍ରତ୍ୟାହାର ଚାଷୀଙ୍କୁ ତଳି ତଳାନ୍ତ କରି ଦେବ ବୋଲି ସେ କହିଛନ୍ତି । ଏହି ସମାବେଶରେ ବିଶେଷ କରି କଳା ଆଇନ କ'ଣ ତା'ର ପର୍ଦ୍ଦାଫାସ କରାଯିବ ବୋଲି ଅକ୍ଷୟ କୁମାର କହିଛନ୍ତି।

# ସତ୍ୟ ଖବର ପରିବେଷଣ ଉପରେ ଗୁରୁତ୍ୱ

- ଜିଲା ସାମ୍ବାଦିକ ମହାସଂଘ ପ୍ରଥମ ପ୍ରତିଷ୍ଠା ଦିବସ
- ସାମ୍ବାଦିକ ଭବନ ନିର୍ମାଣ ପାଇଁ ଦାବି

**ଜଗତ୍‌ସିଂହପୁର ଅଫିସ, ୩।୩**


ଜିଲା ସାମ୍ବାଦିକ ମହାସଂଘ ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି ଓ ଅନ୍ୟ କର୍ମକର୍ତ୍ତା।

ଗଣମାଧ୍ୟମ ହେଉଛି ସମ୍ବିଧାନର ୪ର୍ଥ ସ୍ତମ୍ଭ। ଓଡ଼ିଶାର କୌଣସି ଜିଲାରେ ସାମ୍ବାଦିକ ମହାସଂଘ ଗଠନ ହୋଇ ନ ଥିବା ବେଳେ ଜଗତ୍‌ସିଂହପୁର ଜିଲାର ହୋଇଥିବାରୁ ନିଶ୍ଚୟ ଭାବେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବୁଧବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲା ସାମ୍ବାଦିକ ମହାସଂଘ (ଜେଡ୍‌ଏସ୍‌ଏମ୍), ଜଗତ୍‌ସିଂହପୁର ପ୍ରଥମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ ଏହା କହିଛନ୍ତି। ସେ କହିଥିଲେ, ଜଗତ୍‌ସିଂହପୁର ହେଉଛି ପୂଜ୍ୟ ପୂଜାର ମାଟି। ଏଠାରେ ନବକୃଷ୍ଣ ଚୌଧୁରୀ, ମାଳତି ଚୌଧୁରୀଙ୍କ ଭଳି ଅନେକ ବରପୁତ୍ର ଜନ୍ମ ନେଇଥିଲେ। ଜାଣିବା ଓ ଜଣାଇବା ହେଉଛି ମୁଖ୍ୟ ସାମ୍ବାଦିକତା ବୋଲି ସେ କରିଥିଲେ।

ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଉକ୍ତିକୁ ସମର୍ଥନ କରିଥିଲେ। ସେ କହିଥିଲେ, ସମସ୍ତଙ୍କର ସହଯୋଗ ଓ ସହଭାଗିତାରେ ଜିଲାର ଉନ୍ନତି ସମ୍ଭବ। ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ସମାଧାନ କରିବାକୁ ସହଯୋଗର ଆବଶ୍ୟକତା ରହିଛି। ସତ୍ୟନିଷ୍ଠ ସାମ୍ବାଦିକତା ରହିଲେ ତାହା ବିକାଶକୁ କ୍ରିୟାଶୀଳ କରିବ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା କାନନ ଦାଶ ଯୋଗଦେଇ ସାମ୍ବାଦିକତାର ପୌରାଣିକ ତତ୍ତ୍ୱରୁ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସଞ୍ଜୟ ହେଉଛନ୍ତି ପୃଥିବୀର ପ୍ରଥମ ସାମ୍ବାଦିକ। କିନ୍ତୁ ସମ୍ପ୍ରତି ସାମ୍ବାଦିକଙ୍କ ଦୁଃଖ ଅମାପ। ସମ୍ବାଦପତ୍ରରେ କିଛି ତ୍ରୁଟି ହେଲେ ପ୍ରେସ୍ କାଉନସିଲ୍‌ରେ ଆଶ୍ରୟ ନେବା ବ୍ୟବସ୍ଥା ଅଛି। କିନ୍ତୁ ତାହା ହେଉନାହିଁ। କ୍ଷମତାର ଅପପ୍ରୟୋଗ କରି ସାମ୍ବାଦିକମାନଙ୍କୁ ଗିରଫ କରାଯାଉଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ମୁଦୁଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ୪ର୍ଥ ସ୍ତମ୍ଭ ଭିତରେ ଥିବା ବଡ, ସାନ ବିଭେଦ ପ୍ରସଙ୍ଗ ଉଠାଇ ଏହାର ସମାନତାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ସତ ଓ ମିଛ ଉପରେ ସେ କହିଥିଲେ, ସତ କଥା ଉପରେ ଯେବେ କାହାରି ଜୀବନ ଯାଉଛି ଓ ମିଛ ବଞ୍ଚାଇ ଦେଉଛି ତେବେ ମିଛ କହିବା ଉଚିତ। ଗଣତନ୍ତ୍ରର ୪ର୍ଥ ସ୍ତମ୍ଭର ଉଦ୍ଦେଶ୍ୟ ହେଉଛି ସମାଜ ଓ ଦେଶର ଉନ୍ନତି କରିବା। ବ୍ୟବସ୍ଥାରେ ଥିବା ତ୍ରୁଟି ବିଚ୍ୟୁତିକୁ ଲୋକଲୋଚନକୁ ଆଣି ସମାଧାନର ବାଟ କାଢିବା। ସତ୍ୟ ସମ୍ବାଦ ପରିବେଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଯୋଗଦେଇ ଜିଲା ସାମ୍ବାଦିକ ମହାସଂଘ ନାମରେ ସାମ୍ବାଦିକ ଭବନ ନିର୍ମାଣ ଦାବିକୁ ସମର୍ଥନ କରିବା ସହ ସାମ୍ବାଦିକଙ୍କର ନିଷ୍ଠାପର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ବାଦିକମାନେ ନିଜ ଜୀବନକୁ ବାଜି ଲଗାଇ ନିର୍ଭୀକ ସମ୍ବାଦ ପରିବେଷଣ ଜାରି ରଖିଥିବାରୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଜିଲା ପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶନୀ ବିଶ୍ୱାଳ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ସରକାରଙ୍କ ପକ୍ଷରୁ ଜିଲା ସଂସ୍କୃତି ଭବନକୁ ଆଦିକବି ସାରଳା ଦାଙ୍କ ନାମରେ ନାମିତ କରିଥିବାରୁ ଜିଲାବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଥିଲେ। ସମ୍ବାଦପତ୍ର ହେଉଛି ସତ୍ୟ ଧର୍ମର ମାଧ୍ୟମ। କେବଳ ତଥ୍ୟ ଭିତରେ ସୀମାବଦ୍ଧ ନ ହୋଇ ତଥ୍ୟଭିତ୍ତିକ ସମ୍ବାଦ ପରିବେଷଣର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏସ୍‌ପି ପ୍ରକାଶ ଆର୍ କରୋନା ମୁକାବିଲାରେ ସମ୍ମୁଖ ଯୋଦ୍ଧା ଭାବେ କାର୍ଯ୍ୟ କରିଥିବା ସାମ୍ବାଦିକଙ୍କୁ କୋଭିଡ୍ ଟୀକାକରଣରେ ସାମିଲ କରିବାକୁ ମତ ରଖିଥିଲେ। ଜିଲା ସାମ୍ବାଦିକ ମହାସଂଘର ସଭାପତି ପ୍ରମୋଦ କୁମାର ନାୟକ ଉତ୍ସବରେ ପୌରୋହିତ୍ୟ କରି ଜିଲା ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିବା ସହ ମହାସଂଘ ନାମରେ ସାମ୍ବାଦିକ ଭବନ ନିର୍ମାଣ ପାଇଁ ଦାବି ରଖିଥିଲେ। ସାଧାରଣ ସମ୍ପାଦକ ମନୋଜ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ମହାସଂଘ ଉପସଭାପତି ସୁନାକର ବେହେରା ସ୍ୱାଗତଭାଷଣ, ସହସମ୍ପାଦକ ସୋମନାଥ ପରିଡ଼ା ଅତିଥି ପରିଚୟ ଓ ଶେଷରେ କାର୍ଯ୍ୟକାରୀ କମିଟି ସଭ୍ୟ ରମାକାନ୍ତ ଦାଶ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମହାସଂଘ ମୁଖପତ୍ର ନିର୍ଭୀକ ଉନ୍ମୋଚିତ ହୋଇଥିଲା। ମହାସଂଘ ସଭାପତି ଓ ସାଧାରଣ ସମ୍ପାଦକ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ଓ ସାରଳା ଘଣ୍ଟ ପାଟୁଆ ନୃତ୍ୟ ପରିବେଷଣ କରାଯାଇଥିଲା। ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଆଇନଜୀବୀ, ସାମ୍ବାଦିକ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

